ଧରିତ୍ରୀ 51 Years
ଭୁବନେଶ୍ୱର, ଶୁକ୍ରବାର
୩୦ ମେ, ୨୦୨୫

# ଆମ ସାହିତ୍ୟିକ ପରମ୍ପରାରେ ଅସୀମ ବିବିଧତା ରହିଛି: ରାଷ୍ଟ୍ରପତି

## କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ସାହିତ୍ୟ ସମ୍ମିଳନୀ

ଭୁବନେଶ୍ୱର,୨୯।୫ (ସୌମ୍ୟରଞ୍ଜନ ରାଉତ)

ସାହିତ୍ୟ ଏକାଡେମୀ ଏବଂ ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ର ନୂଆଦିଲ୍ଲୀ ପକ୍ଷରୁ 'କେତେ ପରିବର୍ତ୍ତିତ ହୋଇଛି ସାହିତ୍ୟ ?' ଶୀର୍ଷକ ଦୁଇଦିନିଆ ସାହିତ୍ୟ ସମ୍ମିଳନୀ ଆରମ୍ଭ ହୋଇଛି। ସାଂସ୍କୃତିକ କେନ୍ଦ୍ରରେ ଆୟୋଜିତ ଏହି ସାହିତ୍ୟ ସମ୍ମିଳନୀକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଲେ, ୧୪୦ କୋଟି ଦେଶବାସୀ ବିଶିଷ୍ଟ ଆମ ପରିବାରରେ ଅନେକ ଭାଷା ଏବଂ ଅଗଣିତ ଉପଭାଷା ଅଛି। ଆମ ସାହିତ୍ୟିକ ପରମ୍ପରାରେ ଅସୀମ ବିବିଧତା ରହିଛି। କିନ୍ତୁ ଏହି ବିବିଧତାରେ ଭାରତୀୟତାର ସ୍ପନ୍ଦନ ଅନୁଭୂତ ହୁଏ। ଭାରତୀୟତାର ଏହି ଭାବନା ଆମ ଦେଶର ସାମୂହିକ ଚେତନାରେ ସନ୍ନିହିତ



ସମ୍ମିଳନୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଅନ୍ୟ ଅତିଥିମାନେ।

ହୋଇରହିଛି। ସାହିତ୍ୟରୁ ପ୍ରେରଣା ନେଇ ମଣିଷ ସ୍ୱପ୍ନ ଦେଖେ ଏବଂ ସେଗୁଡ଼ିକୁ ସାକାର କରେ। ସମାଜ ଏବଂ ସାମାଜିକ ଅନୁଷ୍ଠାନ ବଦଳିବା ସହିତ ଆହ୍ୱାନ ଓ ପ୍ରାଥମିକତାରେ ପରିବର୍ତ୍ତନ ହୋଇଛି। ସାହିତ୍ୟରେ ମଧ୍ୟ ସମାନ ପରିବର୍ତ୍ତନ ଦେଖାଯାଇଛି। କିନ୍ତୁ ସ୍ଥାୟୀ ମାନବିକ ମୂଲ୍ୟବୋଧର ପ୍ରତିଷ୍ଠା ହେଉଛି କାଳଜୟୀ ସାହିତ୍ୟର ପରିଚୟ ବୋଲି ରାଷ୍ଟ୍ରପତି କହିଛନ୍ତି। ବିଶିଷ୍ଟ ଅତିଥି ଭାବେ କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଯୋଗଦେଇ କହିଲେ, ସାହିତ୍ୟ ହେଉଛି ସମାଜ ତଥା ସାମାଜିକ ଭାବନାର ଦର୍ପଣ। ଏହା ମାର୍ଗଦର୍ଶକ ଭାବରେ ମଧ୍ୟ କାର୍ଯ୍ୟ କରେ। ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ଅନୁଷ୍ଠାନଗୁଡ଼ିକ ମଧ୍ୟରେ ସାହିତ୍ୟ ଏକାଡେମୀ ଏକ ଅଗ୍ରଣୀ ଏବଂ ପ୍ରଭାବଶାଳୀ ଅନୁଷ୍ଠାନ ବୋଲି ମନ୍ତ୍ରାଳୟର ସ୍ୱତନ୍ତ୍ର ସଚିବ ତଥା ଅର୍ଥ ପରାମର୍ଶଦାତା ରଞ୍ଜନା ଚୋପ୍ରା କହିଛନ୍ତି। ଏହି ଅବସରରେ ଏକାଡେମୀ ଅଧ୍ୟକ୍ଷ ମାଧବ କୌଶିକ ରାଷ୍ଟ୍ରପତି ଓ କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉଦ୍‌ଘାଟନୀ ଅଧିବେଶନ ପରେ ଉର୍ଦ୍ଦୁ କବି ଶୀନ କାଫ ନିଜାମ୍‌ଙ୍କ ଅଧ୍ୟକ୍ଷତାରେ 'ସିଧା ଦିଲ୍ ସେ: କବି ସମ୍ମିଳନୀ' ଆୟୋଜିତ ହୋଇଥିଲା। ଏଥିରେ ରଣଜିତ ଦାସ (ବଙ୍ଗଳା), ମାମଙ୍ଗ ଦାଇ (ଇଂଲିଶ), ଦିଲୀପ ଝାଭେରୀ (ଗୁଜରାଟୀ), ଅରୁଣ କମଲ (ହିନ୍ଦୀ), ମହେଶ ଗର୍ଗ (ହିନ୍ଦୀ), ଶାଫି ଶୌକ (କଶ୍ମୀରୀ), ଦମୟନ୍ତୀ ବେଶ୍ରା (ସାନ୍ତାଳୀ) ଏବଂ ରବି ସୁବ୍ରମଣ୍ୟମ (ତାମିଲ) ପ୍ରମୁଖ କବି କବିତା ପାଠ କରିଥିଲେ। ଶୁକ୍ରବାର 'ଭାରତର ନାରୀବାଦୀ ସାହିତ୍ୟ: ନୂତନ ଆଧାରର ସନ୍ଧାନରେ', 'ସାହିତ୍ୟରେ ପରିବର୍ତ୍ତନ ବନାମ ପରିବର୍ତ୍ତନର ସାହିତ୍ୟ' ଏବଂ 'ବିଶ୍ୱ ପରିପ୍ରେକ୍ଷୀରେ ଭାରତୀୟ ସାହିତ୍ୟର ନୂତନ ଦିଗ୍‌ଦର୍ଶନ' ଶୀର୍ଷକ ୩ଟି ଅଧିବେଶନରେ ଭାରତୀୟ ଲେଖକ ଏବଂ ବିଦ୍ୱାନମାନେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।